## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

# ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ୨୦୨୧ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତୀ ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ  ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୧,୦୦,୦୦୦/- ଙ୍କାର ଅର୍ଥରାଶି ୨୦୨୨ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ,  ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥି ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା  ୨୦୨୧ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡ଼ିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶ ଗୁଡ଼ିକ ସମ୍ପାଦକ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା. ୩୧/୦୩/୨୦୨୨ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.in  ରେ ଉପଲବ୍ଧ ଅଟେ ।

ସଂପାଦକ

ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା